# ୬ ଡିଗ୍ରୀ ଖସିବ ପାରଦ

**ଭୁବନେଶ୍ୱର, ୧୨।୧/ଏନ୍‌ଏନ୍‌ଏସ୍‌:**

ଜାଡ଼ରେ ଆଭ୍ୟନ୍ତରୀଣ ଓଡ଼ିଶା ପୁଣି ଥରିବ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପାରଦ ୬ ଡିଗ୍ରୀ ଯାଏ ହ୍ରାସ ପାଇବ। ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପାରଦ ୪ ଡିଗ୍ରୀ ଯାଏ କମିବ। ଅଧିକାଂଶ ଜିଲ୍ଲାରେ ଘନକୁହୁଡ଼ିର ଆବରଣ ନଜର ଆସିବାକୁ ଥିବାବେଳେ ଥଣ୍ଡାର ପରିମାଣ ବୃଦ୍ଧିପାଇବ ବୋଲି ମଙ୍ଗଳବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୫ ଦିନ ଯାଏ ପାଗ ଶୁଖିଲା ଓ ଖରାଟିଆ ରହିବ। ବିଶେଷ କରି କନ୍ଧମାଳ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଟକ, କୋରାପୁଟ, ଜଗତସିଂହପୁର, ନୟାଗଡ଼, କଳାହାଣ୍ଡି, ମୟୂରଭଞ୍ଜ, ମାଲକାନାଗିରି, ଢେଙ୍କାନାଳ, ବୌଦ୍ଧ, ପୁରୀ, ଭଦ୍ରକ, ଯାଜପୁର ପରି ଜିଲ୍ଲାଗୁଡ଼ିକରେ ସକାଳୁ କୁହୁଡ଼ିର ପ୍ରଭାବ ଆଂଶିକ ରହିବ। ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସାମାନ୍ୟ ଗୁଳୁଗୁଳି ମଧ୍ୟ ଅନୁଭୂତ ହେବ। ଥଣ୍ଡା ବଢ଼ିବା ପରେ ଏନେଇ ଓ୍ୱାର୍ଣ୍ଣିଂ ଜାରି କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

ଅନ୍ୟପକ୍ଷେ, ବାୟୁମଣ୍ଡଳରେ ଗତିଶୀଳ ଥିବା ଗୁରୁଚାପ ବଳୟ ଏବେ କେନ୍ଦ୍ରୀୟ ଭାରତରେ ରହିଛି। ପଞ୍ଜାବ, ରାଜସ୍ଥାନ ଓ

▶▶ ୭